**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**18 February – 2025**

# ବଜେଟ୍-ମୁଖ୍ୟମନ୍ତ୍ରୀ

ଆସନ୍ତା ଆର୍ଥିକବର୍ଷ ପାଇଁ ବିଧାନସଭାରେ ଉପସ୍ଥାପିତ ବଜେଟ୍ ସମୃଦ୍ଧ ଓଡ଼ିଶା ୨୦୩୬ର ଭିତ୍ତିସ୍ଥାପନ କରିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ବଜେଟ୍‌ରେ ୧୬ଟି ନୂଆ ଯୋଜନା ସଂପର୍କରେ ଘୋଷଣା କରାଯାଇଛି । ୨ଲକ୍ଷ ୯୦ ହଜାର କୋଟି ଟଙ୍କାର ବଜେଟ୍‌ରେ ପୁରୁଣା ଏବଂ ନୂଆ ଯୋଜନାକୁ ମିଶାଇ ସରକାରୀ କାର୍ଯ୍ୟକ୍ରମ ବ୍ୟୟବରାଦ ୧ଲକ୍ଷ ୭୦ ହଜାର କୋଟି ଟଙ୍କାର ପ୍ରସ୍ତାବ ରହିଛି । ପ୍ରଶାସନିକ ବ୍ୟୟ ବାବଦରେ ୧ଲକ୍ଷ ୮ ହଜାର କୋଟି ଟଙ୍କା ବରାଦ ହୋଇଛି । ବଜେଟ୍‌ରେ ଭିତ୍ତିଭୂମି ବିକାଶ, ନଗର ଉନ୍ନୟନ, କୃଷି ଓ ଜଳସେଚନ, ପୁଞ୍ଜି ନିବେଶ, ବନ୍ଦର ଭିତ୍ତିକ ଶିଳ୍ପାୟନ, କ୍ରୀଡ଼ା, ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ ସୁରକ୍ଷା, ମହିଳା ଓ ଶିଶୁ ବିକାଶ ଏବଂ ଅନୁସୂଚିତ ଜାନଜାତି ଓ ଅନୁସୂଚିତ ଜାତି ବିକାଶ କ୍ଷେତ୍ର ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି :

**V/O**

## ବଜେଟ୍-ଧର୍ମେନ୍ଦ୍ର

ରାଜ୍ୟ ବଜେଟ୍ ଉପରେ ପ୍ରତିକ୍ରିୟା ରଖି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଏହି ଲୋକକଲ୍ୟାଣକାରୀ ବଜେଟ୍ ଡବଲ୍ ଇଞ୍ଜିନ୍ ସରକାରର ବିକାଶମୂଳକ ଦୂରଦୃଷ୍ଟିର ପ୍ରତିଫଳନ । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ପ୍ରଧାନ କହିଛନ୍ତି, ବଜେଟରେ ବିଭିନ୍ନ କ୍ଷେତ୍ର ପାଇଁ ହୋଇଥିବା ବ୍ୟୟବରାଦ ରାଜ୍ୟ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ସହ ନିଯୁକ୍ତି ସୁଯୋଗ ସୃଷ୍ଟିରେ ସହାୟକ ହେବ ।

---

## ରାଜ୍ୟପାଳ-ଜାତୀୟ ଶିକ୍ଷାନୀତି

ଜାତୀୟ ଶିକ୍ଷାନୀତି-୨୦୨୦ ସଂପର୍କରେ ଶିକ୍ଷକ ସମାଜ ମଧ୍ୟରେ ବ୍ୟାପକ ସଚେତନତା ବୃଦ୍ଧି ନେଇ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଗୁରୁତ୍ୱାରୋପ କରିଛନ୍ତି । ରାଜଭବନଠାରେ ଉଚ୍ଚଶିକ୍ଷା ବିଭାଗର କାର୍ଯ୍ୟସ୍ଥିତି ସଂପର୍କରେ ସମୀକ୍ଷା କରି ରାଜ୍ୟପାଳ ଉଚ୍ଚଶିକ୍ଷାକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ପରାମର୍ଶ ଦେଇଛନ୍ତି ।  ବୈଠକରେ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ବିଭାଗୀୟ କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ ।

---

## ସିଇସି

ଭାରତର ମୁଖ୍ୟ ନିର୍ବାଚନ କମିଶନର ଭାବେ ଜ୍ଞାନେଶ କୁମାର ଆଜିଠାରୁ ଦାୟିତ୍ୱ ଗ୍ରହଣ କରିବେ । ୨୦୨୯ ଜାନୁଆରୀ ୨୬ ତାରିଖ ପର୍ଯ୍ୟନ୍ତ ଜ୍ଞାନେଶ କୁମାର ଦାୟିତ୍ୱରେ ରହିବେ। ଜ୍ଞାନେଶ କୁମାରଙ୍କ ଏହି

ପଦୋନ୍ନତି ସହ ହରିଆଣା କ୍ୟାଡରର ବରିଷ୍ଠ ପ୍ରଶାସନିକ ଅଧିକାରୀ ବିବେକ ଯୋଶୀଙ୍କୁ ନିର୍ବାଚନ କମିଶନ୍ ର ସଦସ୍ୟ ଭାବେ ନିଯୁକ୍ତ କରାଯାଇଛି ।

ମୁଖ୍ୟ ନିର୍ବାଚନ କମିଶନର ଭାବେ ଦାୟିତ୍ୱ ନିର୍ବାହ କରୁଥିବା ରାଜୀବ କୁମାରଙ୍କର କାର୍ଯ୍ୟକାଳ ଆଜି ଶେଷ ହେଉଛି ।

## ସମୀକ୍ଷା ବୈଠକ

ଓଡ଼ିଶା, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଛତିଶଗଡ଼ ଏବଂ କେରଳ ଆଦି ୫ଟି ରାଜ୍ୟକୁ ନେଇ ଆଞ୍ଚଳିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ ଦ୍ୱାରା ଭୁବନେଶ୍ୱରଠାରେ ଆୟୋଜିତ ଏହି ବୈଠକରେ ନ୍ୟାୟ ଓ ସଶକ୍ତିକରଣକୁ ନେଇ କେନ୍ଦ୍ରୀୟ ଯୋଜନାଗୁଡ଼ିକର କାର୍ଯ୍ୟକାରିତା ଉପରେ ସମୀକ୍ଷା କରାଯାଇଛି । ମନ୍ତ୍ରଣାଳୟର ଶାସନ ସଚିବ ଅମିତ ଯାଦବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ୫ଟି ରାଜ୍ୟର ବିଭାଗୀୟ ଉଚ୍ଚପଦାଧିକାରୀମାନେ ଯୋଗ ଦେଇଥିଲେ ।

## ବିଦ୍ୟୁତ ମୂଲ୍ୟ ନିରୂପଣ

ଆସନ୍ତା ଆର୍ଥିକ ବର୍ଷ ପାଇଁ ଖୁଚୁରା ବିଦ୍ୟୁତ୍ ମୂଲ୍ୟ ନିରୂପଣ ନିମନ୍ତେ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗଙ୍କ ପକ୍ଷରୁ ଜନଶୁଣାଣି ହୋଇଛି । ଓଏଚ୍‌ପିସି ଏବଂ ଓପିଜିସି ପକ୍ଷରୁ ପ୍ରସ୍ତାବିତ ମୂଲ୍ୟ ସଂପର୍କରେ ତଥ୍ୟ ଉପସ୍ଥାପନ କରାଯାଇଥିଲା । ଓପିଜିସି ପକ୍ଷରୁ ବିଦ୍ୟୁତ୍ ମୂଲ୍ୟ ବୃଦ୍ଧି ନେଇ

ପ୍ରସ୍ତାବ ଉପସ୍ଥାପନ କରାଯାଇଥିବା ବେଳେ ଏହାକୁ ଉପଭୋକ୍ତା ମହାସଂଘ ପକ୍ଷରୁ ବିରୋଧ କରାଯାଇଛି ।

## +୨ ପରୀକ୍ଷା

ରାଜ୍ୟ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ବାର୍ଷିକ ଯୁକ୍ତ ଦୁଇ ପରୀକ୍ଷା ଆଜିଠାରୁ ଆରମ୍ଭ ହେଉଛି । ସକାଳ ୧୦ଟାରୁ ଅପରାହ୍ଣ ଗୋଟାଏ ପର୍ଯ୍ୟନ୍ତ ପରୀକ୍ଷା ସମୟ ନିର୍ଘଣ୍ଟ ହୋଇଛି ।  ଚଳିତବର୍ଷ ୩ଲକ୍ଷ ୯୩ ହଜାର ୬୧୮ ଜଣ ଛାତ୍ରଛାତ୍ରୀ ଯୁକ୍ତ ଦୁଇ ଶ୍ରେଣୀରେ ପରୀକ୍ଷା ଦେଉଛନ୍ତି । ଏଥିପାଇଁ ୧ ହଜାର ୨୭୬ଟି ପରୀକ୍ଷା କେନ୍ଦ୍ର ସ୍ଥାପନ କରାଯାଇଛି । ପରୀକ୍ଷାର ସୁପରିଚାଳନା ପାଇଁ ପରିଷଦ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ସକାଳ ସାଢ଼େ୮ଟା ସୁଦ୍ଧା ପରୀକ୍ଷା କେନ୍ଦ୍ରରେ ପ୍ରଶ୍ନପତ୍ର ପହଞ୍ଚାଇବାକୁ ପରିଷଦ ପଦକ୍ଷେପ ନେଇଛି ।

## ତୀର୍ଥଯାତ୍ରା

ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ କଳାହାଣ୍ଡି ଜିଲ୍ଲାର ୧୯୨ ଜଣ ବରିଷ୍ଠ ନାଗରିକ ଆଜି ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ରାୟଗଡ଼ାରୁ କାମାକ୍ଷା ଯାତ୍ରା କରିବେ । ଏହି ନାଗରିକମାନେ ୫ଟି ସ୍ୱତନ୍ତ୍ର ବସ୍ ଯୋଗେ ଗତକାଲି ରାୟଗଡ଼ାରେ ପହଞ୍ଚିଥିଲେ । ଆସନ୍ତା ୨୩ ତାରିଖରେ ସେମାନେ କଳାହାଣ୍ଡି ପ୍ରତ୍ୟାବର୍ତ୍ତନ କରିବେ ।

# ଜାଗର

ଭୁବନେଶ୍ୱର ଲିଙ୍ଗରାଜ ମହାଦେବଙ୍କ ଜାଗର ଉତ୍ସବ ମହାଦୀପ ରାତି ୧୦ଟାରେ ଉଠିବ ବୋଲି ସମନ୍ୱୟ କମିଟି ନିଷ୍ପତ୍ତି ନେଇଛି । ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଗତକାଲି ଅନୁଷ୍ଠିତ କମିଟିର ସମୀକ୍ଷା ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ମହାଶିବରାତ୍ରୀ ଆସନ୍ତା ୨୬ ତାରିଖ ଦିନ ଠାକୁରଙ୍କର ନୀତିକାନ୍ତି  ଏବଂ ଅନ୍ୟାନ୍ୟ ବିଧିବ୍ୟବସ୍ଥା ନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି ।

# ହକି

ଏଫ୍ଆଇଏଚ୍ ପ୍ରୋ ଲିଗ୍ ହକି ପ୍ରତିଯୋଗିତାରେ ଆଜି ତିନୋଟି ମ୍ୟାଚ୍ ଖେଳାଯିବ । ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ହେବାକୁ ଥିବା ଏହି ମ୍ୟାଚ୍‌ଗୁଡ଼ିକ ମଧ୍ୟରେ ପୁରୁଷ ବର୍ଗରେ ଇଂଲଣ୍ଡ-ସ୍ପେନ୍  ଏବଂ ଭାରତ-ଜର୍ମାନୀ ମଧ୍ୟରେ ମୁକାବିଲା ହେବ ।

ଅନ୍ୟପକ୍ଷରେ ମହିଳା ବର୍ଗରେ ଭାରତ ଓ ସ୍ପେନ୍ ପରସ୍ପରକୁ ଭେଟିବେ ।